# NATIONAL NEWS BULLETIN (ODIA)
## 8 January - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତୀୟ କୃତ୍ରିମ ବୁଦ୍ଧିମତା ମଡେଲ୍ ଗୁଡ଼ିକ ନୈତିକ ମୂଲ୍ୟବୋଧ ଏବଂ ତଥ୍ୟ ଗୋପନୀୟତା ନୀତି ସୁନିଶ୍ଚିତ କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ମିଳନୀ-୨୦୨୬ ଆସନ୍ତାକାଲିଠାରୁ ଆରମ୍ଭ ହେବ ନୂଆଦିଲ୍ଲୀରେ ।

- ନୂଆଦିଲ୍ଲୀଠାରେ କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀଙ୍କ ବୈଠକ ।

ଏବଂ

- କୋଲକାତାରେ କରାଯାଇଥିବା ଯାଞ୍ଚ ପ୍ରକ୍ରିୟା କୌଣସି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ ବରଂ ତଥ୍ୟ ଭିତ୍ତିକ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ସ୍ପଷ୍ଟୋକ୍ତି ।

## ପିଏମ୍-ଇଣ୍ଡିଆ ଏଆଇ ଷ୍ଟାର୍ଟଅପ୍

ଭାରତୀୟ କୃତ୍ରିମ ବୁଦ୍ଧିମତା ମଡେଲ୍ ଗୁଡ଼ିକ ନୈତିକ ମୂଲ୍ୟବୋଧ ଓ ସ୍ୱଚ୍ଛତା ବଜାୟ ରଖିବା ସହିତ ନିରପେକ୍ଷ ଏବଂ ତଥ୍ୟ ଗୋପନୀୟତା ନୀତି ସୁନିଶ୍ଚିତ କରିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀ ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଭାରତୀୟ ଏ.ଆଇ. ଷ୍ଟାର୍ଟଅପ୍‌ମାନଙ୍କର ଗୋଲ୍‌ଟେବୁଲ୍ ବୈଠକରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି ।

ଏହି ବୈଠକରେ ପ୍ରଧାନମନ୍ତ୍ରୀ ସମାଜରେ ରୂପାନ୍ତରିକରଣ ଦିଗରେ କୃତ୍ରିମ ବୁଦ୍ଧିମତାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଆସନ୍ତା ମାସରେ ଭାରତ କୃତ୍ରିମ ବୁଦ୍ଧିମତା ସମ୍ମିଳନୀ ଆୟୋଜନ କରିବ । ଏହା ମାଧ୍ୟମରେ ଦେଶ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବାକୁ ଯାଉଛି । ଶ୍ରୀ ମୋଦୀ କହିଛନ୍ତି, ଷ୍ଟାର୍ଟ୍‌ଅପ୍ ଏବଂ କୃତ୍ରିମ ବୁଦ୍ଧିମତା ଉଦ୍ୟୋଗୀମାନେ ଭାରତର ଭବିଷ୍ୟତର ସହ ସ୍ଥାପତ୍ୟ । ଏହି କ୍ଷେତ୍ରରେ ଉଭୟ ନବସୃଜନ ଏବଂ

ବହୁଳ ମାତ୍ରାରେ କାର୍ଯ୍ୟକାରିତା କରିବା ଦିଗରେ ଦେଶର ଏକ ବିଶେଷ କ୍ଷମତା ରହିଛି ।

ଭାରତ ବିଶ୍ୱ ସମ୍ମୁଖରେ ଏଭଳି ଅଭିନବ ଏ.ଆଇ. ମଡେଲ୍ ଉପସ୍ଥାପନ କରିବା ଉଚିତ୍, ଯାହା ମାଧ୍ୟମରେ ମେଡ୍ ଇନ୍ ଇଣ୍ଡିଆ ଓ ମେଡ୍ ଫର୍ ଦ ୱାର୍ଲ୍ଡ ଭାବନାର ପ୍ରତିଫଳିତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଏହି କ୍ଷେତ୍ରରେ ଭାରତର ଷ୍ଟାର୍ଟଅପ୍‌ଗୁଡ଼ିକ ବିଶ୍ୱସ୍ତରରେ ନେତୃତ୍ୱ ନେବା ଦିଗରେ କାର୍ଯ୍ୟ କରିବା ଉଚିତ୍ । ଭାରତ ସୁଗମ, ସମାବେଶୀ ତଥା ନବସୃଜନ ପ୍ରତିଫଳିତ କୃତ୍ରିମ ବୁଦ୍ଧିମତା ଉତ୍ପାଦକୁ ପ୍ରୋତ୍ସାହନ ଦେବା ଦିଗରେ ସମସ୍ତ ପଦକ୍ଷେପ ନେବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ ସୁନିଶ୍ଚିତ କରିଛନ୍ତି ।

ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଥିବା କୃତ୍ରିମ ବୁଦ୍ଧିମତା ସମ୍ମିଳନୀ ୨୦୨୬ରେ ଭାଗ ନେବା ଲାଗି ଭାରତର ୧୨ଟି ଏ.ଆଇ. ଷ୍ଟାର୍ଟଅପ୍ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ଷ୍ଟାର୍ଟଅପ୍ ଗୁଡ଼ିକ ଆଜି ପ୍ରଧାନମନ୍ତ୍ରୀଙ୍କ ସହିତ ବୈଠକରେ ଯୋଗଦେଇ ନିଜ ନିଜର ମଡେଲ୍ ଉପସ୍ଥାପନ କରିଥିଲେ । ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ଉପସ୍ଥିତ ଥିଲେ । ଏତଦ୍ ବ୍ୟତୀତ ଅବତାର, ଭାରତଜେନ୍, ଇଣ୍ଟେଲିହେଲ୍ଥ, ସର୍ଭମ୍, ଟେକ୍ ମହିନ୍ଦ୍ରା ଏବଂ ଜେଣ୍ଟିକ୍ ସମେତ ଅନ୍ୟାନ୍ୟ ଭାରତୀୟ ଏ.ଆଇ. ଷ୍ଟାର୍ଟଅପ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ ।

## ମନସୁଖ ମାଣ୍ଡବ୍ୟ

ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ମିଳନୀ ୨୦୨୬ ଆସନ୍ତାକାଲିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀର ଆନୁଷ୍ଠାନିକ ଉଦ୍‌ଘାଟନୀ ସମାରୋହ ଶନିବାର ଦିନ ଅନୁଷ୍ଠିତ ହେବ । ଏହି ସମାରୋହରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଉପସ୍ଥିତ ରହିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୨ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ବୋଲି ଶ୍ରୀ ମାଣ୍ଡବ୍ୟ କହିଛନ୍ତି ।

ସେ କହିଛନ୍ତି, ଏହି ସମାରୋହରେ ଦେଶ ତଥା ଦେଶ ବାହାରୁ ୨ହଜାର ୫୦୦ରୁ ଊର୍ଦ୍ଧ୍ୱ ଯୁବ ବର୍ଗ ଅଂଶଗ୍ରହଣ କରିବେ । ଏହି ସମାରୋହ ସମ୍ପର୍କ ସୂଚନା ଦେଇ ଶ୍ରୀ ମାଣ୍ଡବ୍ୟ କହିଛନ୍ତି – **VO- 2- MANSUKH-MANDAVIYA**

## ଗଡ଼କରି

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରିଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀ ଠାରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ

ଅଞ୍ଚଳଗୁଡ଼ିକର ପରିବହନ ମନ୍ତ୍ରୀମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଗଡ଼କରି କହିଛନ୍ତି, ସଡ଼କ ସୁରକ୍ଷା, ଯାତ୍ରୀ ତଥା ସାଧାରଣ ଜନତାଙ୍କ ସୁବିଧା, ମୋଟର ଯାନ ନିୟମ ତଥା ବ୍ୟାବସାୟିକ ପ୍ରକ୍ରିୟାକୁ ସହଜ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଏହି ବୈଠକରେ ଆଲୋଚନା କରାଯାଇଛି । ଭାରତୀୟ ସମ୍ବିଧାନ ଅନୁଯାୟୀ ଗମନାଗମନ ପ୍ରସଙ୍ଗ କଙ୍କରେଣ୍ଟ୍ ତାଲିକାରେ ଆସୁଥିବା ଦୃଷ୍ଟିରୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଏ କ୍ଷେତ୍ରରେ ନିବିଡ଼ ସମନ୍ୱୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ଗଡ଼କରି କହିଛନ୍ତି ।

## ପିଏମ୍-ପୁରୀ ଆର୍ଟିକିଲ୍

ସଂସ୍କାରକୁ ସୁରକ୍ଷିତ ରଖିବା ସହିତ ନୀତିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏକ ସଶକ୍ତ ତଥା ପ୍ରମାଣ ଭିତ୍ତିକ ସମାଲୋଚନାକୁ ଦେଶ ସ୍ୱାଗତ କରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କର ଏକ ଲେଖାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ ଏହା କହିଛନ୍ତି । ଶ୍ରୀ ମୋଦୀ ଦେଶର ଗଣତାନ୍ତ୍ରିକ ପ୍ରଗତିରେ ନୈରାଶ୍ୟବାଦର କୌଣସି ଭୂମିକା ନାହିଁ ବୋଲି ଉଲ୍ଲେଖ କରିବା ସହ ନବବର୍ଷରେ ସକାରାତ୍ମକ ବିତର୍କର ମୂଲ୍ୟବୋଧ ଉପରେ ଆଲୋକପାତ କରିଛନ୍ତି । ନିଜ ଲେଖାରେ ଶ୍ରୀ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି, ରାଜନୀତି ନୁହେଁ ବରଂ ସକାରାତ୍ମକ ସମାଲୋଚନା ଦ୍ୱାରା

ଗଣତନ୍ତ୍ରର ମୂଲ୍ୟବୋଧ ସଶକ୍ତ ହୋଇଥାଏ । ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ପ୍ରତ୍ୟେକ ଘରେ ପ୍ରତିଫଳିତ ହେଉଛି ବୋଲି ଶ୍ରୀ ପୁରୀ କହିଛନ୍ତି ।

## ଇଡି–କୋଲକାତା

କୋଲକାତାରେ କରାଯାଇଥିବା ଯାଞ୍ଚ ପ୍ରକ୍ରିୟା କୌଣସି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ ବରଂ ତଥ୍ୟ ଭିତ୍ତିକ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସ୍ପଷ୍ଟ କରିଛି । କୋଲକାତାରେ ଏହି ଯାଞ୍ଚ ପ୍ରକ୍ରିୟା ସମୟରେ ତୃଣମୂଳ କଂଗ୍ରେସର କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ତଥା ପ୍ରାର୍ଥି ତାଲିକାକୁ ଜବତ କରାଯିବାର ପ୍ରଚେଷ୍ଟା ସମ୍ପର୍କିତ ଦଳର ନେତା ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ଅଭିଯୋଗ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ସ୍ପଷ୍ଟିକରଣ ଦିଆଯାଇଛି । ଏକ ପ୍ରେସ୍ ବିବୃତ୍ତିରେ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି, ଏହି ଯାଞ୍ଚ ପ୍ରକ୍ରିୟା କୌଣସି ନିର୍ବାଚନ ସମ୍ପର୍କିତ ନୁହେଁ ଏବଂ କୌଣସି ଦଳୀୟ କାର୍ଯ୍ୟାଳୟକୁ ମଧ୍ୟ ଏଥିଲାଗି ଯାଞ୍ଚ କରାଯାଇ ନାହିଁ । ସମ୍ପୂର୍ଣ୍ଣ ଆଇନ୍‌ଗତ ବିଧିବ୍ୟବସ୍ଥା ମଧ୍ୟରେ ଏହି ଯାଞ୍ଚ କରାଯାଇଛି । ଅର୍ଥ ହେର୍‌ଫେର୍ ମାମଲା ସମ୍ପର୍କିତ ଯାଞ୍ଚ୍‌ର ଏକ ଅଂଶସ୍ୱରୂପ ବୋଲି ନିର୍ଦ୍ଦେଶାଳୟ କହିଛି ।

# ପ୍ରଗତି–ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତି' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ଦେଶର ସହରାଞ୍ଚଳର ଉନ୍ନତି ଲାଗି ଗୃହ ନିର୍ମାଣ ଏବଂ ଭିତ୍ତିଭୂମିକୁ ସଶକ୍ତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ।

ଭାରତର ଅର୍ଥନୈତିକ ଅଭିବୃଦ୍ଧି ତଥା ସାମାଜିକ ରୂପାନ୍ତରିକରଣ ଦିଗରେ ସହରାଞ୍ଚଳର ବିକାଶ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଦେଶର ସହରାଞ୍ଚଳରେ ୪୮ କୋଟିରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ୨୦୩୦ ସୁଦ୍ଧା ଏହି ସଂଖ୍ୟା ୬୦ କୋଟି ଅତିକ୍ରମ କରିବାର ଆକଳନ କରାଯାଇଛି । ଏଥିସହିତ ଗୃହ ନିର୍ମାଣ, ଗମନାଗମନ, ବିଶୁଦ୍ଧ

ଜଳଯୋଗାଣ ତଥା ପରିମଳ ବ୍ୟବସ୍ଥା ସହିତ ସୁ-ଶାସନ ଯୋଗାଇ ଦେବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଗତ ଏକ ଦଶନ୍ଧି ମଧ୍ୟରେ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ଦିଗରେ ମିଶନ୍ ମୋଡ୍‌ରେ କାର୍ଯ୍ୟ କରାଯାଇଛି । ୧୨ଟି ପ୍ରଗତି ବୈଠକରେ ୭ଟି ପ୍ରମୁଖ ସହରାଞ୍ଚଳ ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମୀକ୍ଷା କରିବା ସହ ଏହାର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।  ୨ ଲକ୍ଷ ୩୭ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା, ସ୍ମାର୍ଟ୍ ସହର ମିଶନ୍ ଏବଂ ବୁଲା ବିକାଳିଙ୍କ ଲାଗି ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ନିଧି ଯୋଜନା ସମେତ ୧୪ଟି ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ପ୍ରଗତି ବୈଠକରେ ସମୀକ୍ଷା କରାଯାଇଛି । ସେଥିମଧ୍ୟରୁ ୪ଟି ପ୍ରକଳ୍ପ କାର୍ଯ୍ୟକାରି ହୋଇସାରିଥିବା ବେଳେ ୧୦ଟି ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ଦେଶବ୍ୟାପି ୧ କୋଟି ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣ  ଲାଗି ମଞ୍ଜୁରୀ ମିଳିଥିବା ବେଳେ ସେଥିମଧ୍ୟରୁ ୮୮ଲକ୍ଷରୁ  ଊର୍ଦ୍ଧ୍ୱ ଗୃହ ନିର୍ମାଣ ଶେଷ ହୋଇଛି ।

ସେହିଭଳି ପ୍ରାୟ ୧୦୦ଟି ସହରରେ ସ୍ମାର୍ଟ୍ ସିଟି ମିଶନ୍ କାର୍ଯ୍ୟକାରିତା ହେବା ନେଇ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପି.ଏମ୍. ସ୍ୱ-ନିଧି ଯୋଜନା ଅଧୀନରେ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ବୁଲାବିକାଳିଙ୍କୁ ପ୍ରାୟ ୧୩

ହଜାର ୮୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି । ଦେଶରେ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର କ୍ଷେତ୍ରକୁ ଅଧିକ ସମାବେଶୀ, ଚିର ସ୍ଥାୟୀ ତଥା ବୈଷୟିକ ଜ୍ଞାନକୌଶଳ  ସହିତ ସଂଯୁକ୍ତ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କର ଦୃଷ୍ଟିକୋଣକୁ ସାକାର କରିବା ଲାଗି ସମସ୍ତ ପଦେକ୍ଷପ ନିଆଯାଇଛି । ଏଥିସହିତ ସହରବାସୀଙ୍କୁ ଅର୍ଥନୈତିକ ସୁଯୋଗ ଓ ମର୍ଯ୍ୟାଦାଜନକ ଜୀବନଶୈଳୀ ପ୍ରଧାନ କରିବା ଦିଗରେ ମଧ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି ।

## ଜିତେନ୍ଦ୍ର-ଏଆଇ ୱାର୍କସପ୍

କ୍ଷମତା ନିର୍ମାଣ ଇକୋ ସିଷ୍ଟମ୍‌ରେ କୃତ୍ରିମ ବୁଦ୍ଧିମତାର ସୁ-ବିନିଯୋଗ ଦ୍ୱାରା ସମଗ୍ର ସମାଜ ଲାଭାନ୍ୱିତ ହୋଇପାରିବ ବୋଲି କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ କ୍ଷମତା ନିର୍ମାଣ ନିମନ୍ତେ କୃତ୍ରିମ ବୁଦ୍ଧିମତା-ରୂପାନ୍ତରିକରଣ ସୁ-ଶାସନ ସମ୍ପର୍କିତ ଏକ କର୍ମଶାଳାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଡକ୍ଟର ସିଂହ କୃତ୍ରିମ ବୁଦ୍ଧିମତାକୁ ମାନବୀୟ ବିଚାର ଏବଂ ଦାୟିତ୍ୱ ଦ୍ୱାରା ପରିଚାଳିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । କ୍ଷମତା ନିର୍ମାଣକୁ ସହାୟତା କରିବା ଦିଗରେ ଏ.ଆଇ. ଭିତ୍ତିକ ବିଭିନ୍ନ ପ୍ଲାଟ୍‌ଫର୍ମ ଉପରେ ଆଲୋକପାତ କରି ଡକ୍ଟର ସିଂହ କହିଛନ୍ତି, **VO- DR.-JITENDRA-SINGH---AI**